**ଚୋରି ଅଭିଯୁକ୍ତଙ୍କୁ ପୋଲିସ ଜିମା**

ଅନୁଗୋଳ ଅଫିସ, ୧।୧୦: ତାଳଚେର ଥାନା ଚିତ୍ରପୁରବଜାରରେ ଗାଡ଼ି ଚୋରି ବେଳେ ସ୍ଥାନୀୟ ଲୋକମାନେ ଜଣେ ଅଭିଯୁକ୍ତଙ୍କୁ ଧରିବା ସହ ଗାଡ଼ି ଉଦ୍ଧାର କରିଛନ୍ତି। ପରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଜିମା ଦିଆଯାଇଛି। ଗାଡ଼ି ମାଲିକ ଏମ୍‌ଡି ଜରିର୍‌ଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ନଂ. ୭୩୩/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ମାଛ ମାରିବା ବେଳେ ଅଘଟଣ**

ଅନୁଗୋଳ ଅଫିସ, ୧।୧୦- ଅନୁଗୋଳ ଜିଲା ବନ୍ତଳା ଥାନା ପୁରୁଣାଗଡ଼ କରମଙ୍ଗା ସାହିର ଛବିଳ ବେହେରାଙ୍କ ପୁଅ କିଶୋରୀ ବେହେରା(୨୭)ଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଯେ, କିଶୋରୀ ସାଙ୍ଗମାନଙ୍କ ସହ ଶନିବାର ମାଛ ମାରିବାକୁ ଯାଇଥିଲେ। ମାଛ ମାରିବା ପାଇଁ ତାରରେ ବିଦ୍ୟୁତ୍ ସଂଯୋଗ କରି ନାଳରେ ପକାଇଥିଲେ। ହେଲେ ଅସାବଧାନତାରୁ ପାଣି ଭିତକୁ ପଶିଯିବାରୁ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଖବରପାଇ ପରିବାର ଲୋକେ ପହଞ୍ଚି ତାଙ୍କୁ ତୁରନ୍ତ ମେଡିକାଲ ଆଣିଥିଲେ। ହେଲେ ତାଙ୍କର ଜୀବନ ରକ୍ଷା ହୋଇପାରି ନ ଥିଲା। ବନ୍ତଳା ପୋଲିସ ମୃତ ଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ନାବାଳିକା ନିଖୋଜ ଅଭିଯୋଗ

ଅନୁଗୋଳ ଅଫିସ, ୧।୧୦- ଅନୁଗୋଳ ସଦର ଥାନା ଅଞ୍ଚଳରୁ ଜଣେ ନାବାଳିକା ନିଖୋଜ ହୋଇଛନ୍ତି। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୋଲିସ ନଂ. ୭୭୩/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଦୁଇ ଦିନ ତଳେ ନାବାଳିକା ଜଣକ ଘରୁ କେଉଁଆଡ଼େ ନିଖୋଜ ହୋଇଛନ୍ତି। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ଆଖି ଝଲସାଉଛି ଆଲୋକମାଳା



- ୬୮ ବର୍ଷରେ ହୁଲୁରିସିଂହା ଦୁର୍ଗା ଶଙ୍କର ପୂଜା ସମିତି
- ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରତିଭା ଦେଖାଇବେ କୁନି କଳାକାର
- ଭସାଣିରେ ସାମିଲ ହେବ ସିଂହ ବାଜା, ଭାଙ୍ଗଡ଼ା

**ଆସୁଛନ୍ତି ମା'**



**ଶାରଦୀୟ ପୂଜା ପାଇଁ ଶେଷ ହୋଇଛି ସାଜସଜ୍ଜା। ମଣ୍ଡପରେ ବିରାଜମାନ କଲେଣି ମା'। ଶ୍ରଦ୍ଧାଳୁଙ୍କ ଆଗମନ ଯୋଗୁ ଲାଗିଲାଣି ଗହଳିଚହଳି। ଚାରିଆଡ଼େ ଉତ୍ସବର ପରିବେଶ।**

ଅନୁଗୋଳ ଅଫିସ, ୧।୧୦

ଅଞ୍ଚଳସାରା ଛାଇଯାଇଛି ରଙ୍ଗିନ ଆଲୋକମାଳା। ଆଖି ଝଲସାଇ ଦେଉଛି ଏଲ୍‌ଇଡି ଲାଇଟ୍। ୨ ବର୍ଷ ପରେ ଧୁମ୍‌ଧାମରେ ପୂଜା ଆୟୋଜନ କରାଯାଇଥିବାରୁ ନୂଆ ନୂଆ ଲାଗୁଛି ଅନୁଗୋଳ ସହର ହୁଲୁରିସିଂହା ପରିବେଶ। ଚଳିତବର୍ଷ ଦୁର୍ଗା ଶଙ୍କର ପୂଜା ସମିତି ପକ୍ଷରୁ ମା'ଙ୍କ ପୂଜା ଆୟୋଜନ ୬୮ ବର୍ଷରେ ପଦାର୍ପଣ କରିଛି। ଏଥର ପୂଜା ବେଳେ ମେଳା ଓ ମନୋରଞ୍ଜନ ପରିବର୍ତ୍ତେ ସାଜସଜ୍ଜା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନି ପ୍ରତିଭାମାନଙ୍କୁ ସାମିଲ କରାଯାଇଥିବା ବେଳେ ଭସାଣିକୁ ଆଡ଼ମ୍ବରପୂର୍ଣ୍ଣ କରିବାକୁ ସିଂହ ବାଜା, ଭାଙ୍ଗଡ଼ା ଆଦିର ବ୍ୟବସ୍ଥା ହୋଇଛି।

୧୯୫୪ ମସିହାରେ ହୁଲୁରିସିଂହା ଛକଠାରେ ପ୍ରଥମେ ପୂଜା ଆୟୋଜନ କରାଯାଇଥିଲା। ସେତେବେଳେ ଉମା ଶଙ୍କରଙ୍କ ମୂର୍ତ୍ତି ପୂଜା ପାଉଥିଲା। ତେବେ ଦୀର୍ଘ ୩୧ ବର୍ଷ ପରେ ଅର୍ଥାତ୍ ୧୯୮୫ରେ ମା' ଦୁର୍ଗାଙ୍କ ପୂଜା ଆୟୋଜନ କରାଯାଇଥିଲା। ସେବେଠାରୁ ବିଭିନ୍ନ ବାଧାବିଘ୍ନ ଆସିଥିଲେ ମଧ ଅଦ୍ୟାବଧି ମା'ଙ୍କ ପୂଜାରେ କୌଣସି ସମସ୍ୟା ହୋଇନାହିଁ। ମଣ୍ଡପରେ ମା' ବସୁଥିଲେ ବି ନିକଟରେ ଉମା ଶଙ୍କରଙ୍କ ପୂଜା ଜାରି ରହିଛି। ଅତୀତରେ ଏଠାରେ ପୂଜା ବେଳେ ଲୋକଙ୍କ ଆମୋଦପ୍ରମୋଦ ପାଇଁ ମିନା ବଜାର ଓ ଦୋଳିର ବ୍ୟବସ୍ଥା କରାଯାଉଥିଲା। କିନ୍ତୁ ଚଳିତବର୍ଷ ଏହାକୁ ବନ୍ଦ କରାଯାଇ ତୋରଣ ଓ ଆଲୋକ ସାଜସଜ୍ଜା ଉପରେ ଅଧିକ ଧ୍ୟାନ ଦିଆଯାଇଛି। ରବିବାର ସପ୍ତମୀରେ ମଣ୍ଡପରେ ମା'ଙ୍କ ଚକ୍ଷୁଦାନ କରାଯିବ। ସୋମବାର ଅଷ୍ଟମୀରେ ମହାଷ୍ଟମୀ ପୂଜା, ନବମୀରେ କୁଆଁରୀ କନ୍ୟାଙ୍କୁ ପୂଜାର୍ଚ୍ଚନା କରାଯିବାର ଯୋଜନା ଥିବାବେଳେ ଦଶମୀରେ ମା'ଙ୍କୁ ବିସର୍ଜନ କରାଯିବ। ଭସାଣିକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ଘଣ୍ଟ, ଗଉଡ଼ବାଡ଼ି ଖେଳ, ଭାଙ୍ଗଡ଼ା, ସିଂହ ବାଜା, ବାଣ ଆଦିକୁ ସାମିଲ କରାଯିବାର ଯୋଜନା ରଖାଯାଇଛି।

**ସମୟ ସହ ବଡ଼ ପରିବର୍ତ୍ତନ ଆସିଛି**



ସମୟ ସହ ପୂଜା ଆୟୋଜନରେ ବଡ଼ ପରିବର୍ତ୍ତନ ହୋଇଛି। ପୂର୍ବରୁ ସାଜସଜ୍ଜା, ତୋରଣ ଓ ମେଲୋଡି କାର୍ଯ୍ୟକ୍ରମ ହେଉ ନ ଥିଲା। ପାରମ୍ପରିକ ନୃତ୍ୟ ଗୀତର ଝଲକ ସହ ଭସାଣିରେ ଘୋଡ଼ା, ହାତୀ, ସଖୀମାନଙ୍କୁ ସାମିଲ କରାଯାଉଥିଲା। ଦଣ୍ଡ ନାଚ, ଦାସକାଠିଆ, ଗୋଟିପୁଅ ନାଚ, ଧୁଡୁକି, ବ୍ରହ୍ମପୁରର କଟୁଆଳ ନାଚ ଦେଖିବାକୁ ମିଳୁଥିଲା। ଏବେ କିନ୍ତୁ ରଙ୍ଗିନ ଆଲୋକ, ବାଜା, ବାଣ ଓ ସାଉଣ୍ଡରେ ଅଞ୍ଚଳ ଦୋହଲି ଯାଉଛି।

-ଶରତ କୁମାର ସାହୁ, ବରିଷ୍ଠ ସଦସ୍ୟ, ପୂଜା ସମିତି

**ମା'ଙ୍କ କୃପାରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି**



କରୋନା ଯୋଗୁ ଗତ ୨ବର୍ଷ ହେବ ପୂଜା ନିରାଡ଼ମ୍ବର ଥିଲା। ତେବେ ଚଳିତବର୍ଷ ପୂଜାକୁ ଧୁମ୍‌ଧାମ୍‌ରେ କରାଯାଉଛି। ମା'ଙ୍କ କୃପାରୁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି। ପୂର୍ବପରି ଶାନ୍ତି ଶୃଙ୍ଖଳାରେ ପୂଜା ପାଳନ ହେବ ବୋଲି ଆଶା କରାଯାଉଛି।

-ସଂଗ୍ରାମ ମିଶ୍ର, ସଭାପତି

**ସବୁ ବର୍ଗର ଲୋକ ସାମିଲ ହୋଇଥାନ୍ତି**



ହୁଲୁରିସିଂହା ଅଞ୍ଚଳର ସମସ୍ତ ବର୍ଗର ଲୋକ ପୂଜାରେ ସାମିଲ ହୋଇଥାନ୍ତି। ଫଳରେ ପୂଜା ସମୟରେ ଭାଇଚାରା ବୃଦ୍ଧି ପାଇଥାଏ। ଚଳିତବର୍ଷ ତୋରଣ ସାଙ୍ଗକୁ ଆଲୋକସଜ୍ଜା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ୨ ବର୍ଷ ପରେ ଧୁମ୍‌ଧାମରେ ପୂଜା ହେଉଥିବାରୁ ଶାନ୍ତି ଶୃଙ୍ଖଳା ଦିଗରେ ଧ୍ୟାନ ଦିଆଯାଉଛି। ମହାଷ୍ଟମୀ ଠାରୁ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଛି।

-କ୍ଷୀରୋଦ କୁମାର ପ୍ରଧାନ, ସମ୍ପାଦକ

**ସ୍ଥାୟୀ ମଣ୍ଡପରେ ପୂଜା ଆୟୋଜନ**



ପୂର୍ବରୁ ତାଳ ବରଡ଼ାରେ ଟେଣ୍ଟ କରାଯାଇ ପୂଜା ଆୟୋଜନ କରାଯାଉଥିଲା। ଟ୍ୟୁବ୍ ଲାଇଟ୍‌ରେ ରଙ୍ଗ ବେରଙ୍ଗର ଜରି ଗୁଡ଼ାଯାଇ ରଙ୍ଗିନ ଆଲୋକ ବ୍ୟବସ୍ଥା କରାଯାଉଥିଲା। ଏବେ କିନ୍ତୁ ଝିଲିମିଲି ଏଲଇଡି ଆଲୋକରେ ଅଞ୍ଚଳ ସଜେଇ ହୋଇଯାଇଛି। ଛୋଟ ମଣ୍ଡପକୁ ସ୍ଥାୟୀ ଭାବେ ବଡ଼ ମଣ୍ଡପରେ ପରିବର୍ତ୍ତନ କରାଯାଇଛି।

-ଗୁଲିଆ ବେହେରା, ସଦସ୍ୟ



ଅନୁଗୋଳ ଦଶହରା ପଡ଼ିଆରେ ମା'ଙ୍କ ମୂର୍ତ୍ତିରେ ଶିଳ୍ପୀଙ୍କ ଶେଷ ସ୍ପର୍ଶ।

# ଆଜି ପୂଜା ପାଇବେ ଦୁର୍ଗତିନାସିନୀ

ଅନୁଗୋଳ ଅଫିସ, ୧।୧୦

ସୋମବାରଠାରୁ ମଣ୍ଡପରେ ପୂଜା ପାଇବେ ମା' ଦୁର୍ଗା। ଏଥିପାଇଁ ଅନୁଗୋଳ ସହରର ଅମଲାପଡ଼ା, ଶିମିଳିପଡ଼ା, ବଜାର, ହେମସୁରପଡ଼ା, ହୁଲୁରିସିଂହା ଆଦି ପୂଜା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ କରାଯାଇଛି। ସହର ନବବଧୂ ରୂପରେ ସଜେଇ ହୋଇଛି। ସୁନ୍ଦର ତୋରଣ ସାଙ୍ଗକୁ ଏଲ୍‌ଇଡି ଲାଇଟ୍‌ରେ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ସୁନ୍ଦର ଦିଶୁଛି। ଶନିବାର କଳସଯାତ୍ରା କରାଯାଇଥିବା ଦେଖିବାକୁ ମିଳିଛି। ସପ୍ତମୀରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ଥିବାରୁ ସହରରେ ପ୍ରବଳ ଭିଡ଼ ହେବ। ଏହାକୁ ଦୃଷ୍ଟିରେ ରଖି ଅନୁଗୋଳ ପୋଲିସ ପକ୍ଷରୁ ମଧ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜିଲାର ତାଳଚେର ଓ ଅନୁଗୋଳ ପାଇଁ ୭ ପ୍ଲାଟୁନ୍ ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଥିବାବେଳେ ୧୩୮ ଜଣ ହୋମଗାର୍ଡ, ୧୦୦ କନଷ୍ଟେବଲ୍ ଓ ହାବିଲଦାର, ୫ ଥାନା ଅଧିକାରୀଙ୍କ ସହ ମୋଟ ୪୫ ଜଣ ଅଫିସର ପୂଜାରେ ଆଇନଶୃଙ୍ଖଳା ଦାୟିତ୍ୱରେ ରହିଛନ୍ତି। ସେହିପରି ତଦାରଖ କରିବାକୁ ୨ଜଣ ଏସ୍‌ଡିପିଓ ର୍‍ୟାଙ୍କର ଅଧିକାରୀଙ୍କ ସହ ଦୁଇ ଜଣ ଆଡିସିନାଲ ଏସ୍‌ପିଙ୍କୁ ମଧ ନିୟୋଜିତ କରାଯାଇଛି। ସମସ୍ତ ଅଧିକାରୀଙ୍କ କାର୍ଯ୍ୟକୁ ଅନୁଗୋଳ ଏସ୍‌ପି ତଦାରଖ କରିବେ ବୋଲି ସୂଚନା ପ୍ରଦାନ କରାଯାଇଛି।

**ସଜେଇ ହୋଇଛି ସହର, ପୋଲିସ ପକ୍ଷରୁ ପ୍ରସ୍ତୁତି**

# ୫ ଗିରଫ, ଚୋରି ସାମଗ୍ରୀ ଜବତ

ଛେଣ୍ଡିପଦା,୧।୧୦(ସ୍ୱ.ପ୍ର.)

ଛେଣ୍ଡିପଦାସ୍ଥିତ କାଇମେଟ୍ ବିଦ୍ୟାଳୟରୁ ଲୁହା ସାମଗ୍ରୀ ଚୋରି ଘଟଣାରେ ପୋଲିସ ଚୋରିରେ ବ୍ୟବହୃତ ପିକଅପ୍ ଭ୍ୟାନ ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ କରିଛି। ଏଥିସହିତ ୫ ଅଭିଯୁକ୍ତ ବାରମଞ୍ଜା ଗ୍ରାମର ଜିତେନ୍ଦ୍ର ବେହେରା, ଛୋଟ ତେନ୍ତୁଳି ଗ୍ରାମର ଚଗଲା ସିଂ, ରୋହିତ କୁମାର ନାୟକ, କବାଡି ଦୋକାନ ମାଲିକ ପ୍ରଦୀପ କୁମାର ସାହୁ ଓ ସହଯୋଗୀ ଜିତୁ ସାହୁଙ୍କୁ ଗିରଫ କରିଛି। ପ୍ରକାଶ ଯେ, ପରିଚାଳନା ବିବାଦକୁ ନେଇ କୋର୍ଟରେ ମାମଲା ଥିବାରୁ ଏହି ବିଦ୍ୟାଳୟ ବନ୍ଦ ରହିଛି। ତେବେ ବିଦ୍ୟାଳୟରେ ଲାଗିଥିବା ଦାମି ମେସିନ ଓ ଦାମୀ ସାମଗ୍ରୀକୁ ଶୁକ୍ରବାର ଚୋରି କରି ଏକ ପିକଅପ୍ ଭ୍ୟାନ୍‌ରେ ନିଆଯାଉଥିବା ବେଳେ କେତେଜଣ କର୍ମଚାରୀ ପିଛାକରି ପିକଅପ ଭ୍ୟାନ ଓ ୩ଜଣକୁ କାବୁକରି ପୋଲିସକୁ ଜିମା ଦେଇଥିଲେ। ଏ ନେଇ କାଇମେଟର ଭାରପ୍ରାପ୍ତ ଅଧକ୍ଷ ସୁକାନ୍ତ ମହାନ୍ତି ଲିଖିତ ଅଭିଯୋଗ କରିବା ପରେ ଛେଣ୍ଡିପଦା ପୋଲିସ ନଂ. ୪୭୯/୨୨ରେ ମାମଲା ରୁଜୁ କରିଥିଲା। ଏସ୍‌ଆଇ ସତ୍ୟବ୍ରତ ରାଉତ ତଦନ୍ତ କରି ୫ ଜଣଙ୍କୁ ଗିରଫ କରିବା ପରେ ଶନିବାର କୋର୍ଟଚାଲାଣ କରିଛନ୍ତି।



# ଶତାୟୁ ମହିଳା ଭୋଟର ରୂପେଇ ସମ୍ବର୍ଦ୍ଧିତ

ଢେଙ୍କାନାଳ ଅଫିସ,୧।୧୦

ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଢେଙ୍କାନାଳ ଜିଲାର ସମସ୍ତ ନିର୍ବାଚନମଣ୍ଡଳୀର ଶତାୟୁ ଭୋଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବାହ୍ନରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସରୋଜ କୁମାର ସେଠୀ ୫୫-ଢେଙ୍କାନାଳ ନିର୍ବାଚନମଣ୍ଡଳୀର ବୁଥ୍ ନଂ.୧୫୯ର ଶତାୟୁ ତଥା ୧୦୩ ବର୍ଷୀୟା ମହିଳା ଭୋଟର ରୂପେଇ ମହାନ୍ତିଙ୍କୁ ଶ୍ୟାମାଚରଣପୁରଠାରେ ଥିବା ତାଙ୍କ ବାସଭବନରେ ଉପଢୌକନ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଡେପୁଟି କଲେକ୍ଟର (ନିର୍ବାଚନ) ଭଜମନ ସାହୁ ପ୍ରମୁଖ ଉପସ୍ଥିତ ରହି ରୂପେଇଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲାର ସମସ୍ତ ୫୮ ଜଣ ଶତାୟୁ ଭୋଟରଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ୩ ଦିନ ହେଲା ପୌର କାର୍ଯ୍ୟାଳୟରେ ତାଲା

ତାଳଚେର, ୧।୧୦ (ନି.ପ୍ର.)

ତାଳଚେର ପୌର ପରିଷଦର ଠିକା ସଫେଇ କର୍ମଚାରୀମାନେ ବକେୟା ଦରମା, ବୋନସ ଓ ପୂଜା ଅଗ୍ରୀମ ପ୍ରଦାନ ଦାବିରେ ଗତ ୩ ଦିନ ହେଲା ପୌରପରିଷଦ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ସହରରେ ସଫେଇ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ଚାରିଆଡ଼େ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦା ହୋଇଛି। ଏହି ଆନ୍ଦୋଳନ ଯୋଗୁ ତାଳଚେର ସହର ପୂତିଗନ୍ଧମୟ ହୋଇପଡିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସଫେଇ କର୍ମଚାରୀମାନେ କହିଛନ୍ତି, ତାଳଚେର ପୌର ପରିଷଦରେ ୩୧ ଜଣ ସ୍ଥାୟୀ ଓ ଏନ୍‌ଏମ୍‌ଆର୍ ଏବଂ ୧୩୨ ଜଣ ଅସ୍ଥାୟୀ ସଫେଇ କର୍ମଚାରୀ କାମ କରୁଛନ୍ତି। ଗତ ଏକ ମାସ ହେଲା ଏହି କର୍ମଚାରୀମାନେ ଦରମା କି ପୂଜା ଅଗ୍ରୀମ ପାଇନାହାନ୍ତି। ଦୁଇ ବେଳା କାମ କରୁଥିଲେ ହେଁ ଗୋଟିଏ ବେଳା ହାଜିରା ପଡୁଛି। ଅଭିଯୋଗ କଲେ ପଦକ୍ଷେପ ନିଆଯାଉ ନାହିଁ। ବାରମ୍ବାର ଅଭିଯୋଗ ପରେ କିଛି ସୁଫଳ ନ ମିଳିବାରୁ ସଫେଇ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ୧୬ ନମ୍ବର ୱାର୍ଡର କାଉନସିଲର ସ୍ୱାଧୀନ ଥମ୍ବଙ୍କ ନେତୃତ୍ୱରେ ସଫେଇ କର୍ମଚାରୀମାନେ ସେମାନଙ୍କ ବକେୟା ଦରମା ଶୀଘ୍ର ପ୍ରଦାନ ଦାବିରେ ଅଡ଼ି ବସିବା ସହ କାର୍ଯ୍ୟାଳୟ ତାଲା ପକାଇ ଦେଇଛନ୍ତି। ତୁରନ୍ତ ସମସ୍ୟା ସମାଧାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ଯାଏ ଆନ୍ଦୋଳନ ଜାରି ରଖାଯିବ ବୋଲି ପ୍ରକାଶ କରିଛନ୍ତି।

# ନିଷ୍ଠା କଷ୍ଟକର କାର୍ଯ୍ୟକୁ ସହଜ କରେ

ଢେଙ୍କାନାଳ ଅଫିସ,୧।୧୦

ଢେଙ୍କାନାଳର ଭାରତୀୟ ସଙ୍ଗୀତ ନିଳୟ ଅନୁଷ୍ଠାନ ପକ୍ଷରୁ ରାଜ୍ୟ ସଂସ୍କୃତି ମନ୍ତ୍ରାଳୟ ସହଯୋଗରେ ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲଠାରେ ୩ଦିନ ଧରି ଚାଲିଥିବା ୭ମ କପିଳାସ ମହୋତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ପି ମହେଶ ସାହୁ କହିଲେ ଯେ, ସାଂସ୍କୃତିକ ଅନୁଷ୍ଠାନ ଗୁଡିକର ନିଜସ୍ୱ ଗୃହ ରହିବା ଦରକାର। ଏଥିପାଇଁ ପ୍ରସ୍ତାବ ଗୃହୀତ କରି ପ୍ରଦାନ କଲେ ଭାରତୀୟ ସଙ୍ଗୀତ ନିଳୟ ଅନୁଷ୍ଠାନକୁ ମଧ ସମସ୍ତ ସହଯୋଗ ପ୍ରଦାନ କରାଯିବ। ନିଷ୍ଠାର ସହ ଉଦ୍ୟମ କଲେ ସମସ୍ତ କଷ୍ଟକର କାର୍ଯ୍ୟ ସହଜ ହୋଇପାରିବ ବୋଲି ଏମ୍‌ପି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ନଟରାଜ ସଙ୍ଗୀତ ମହାବିଦ୍ୟାଳୟର ସଭାପତି କୃଷ୍ଣକୁମାର ମିଶ୍ର, ଜଗନ୍ନାଥ ସଂସ୍କୃତିର ଗବେଷକ ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ଆମ ପ୍ରତିଭା ଆମ ସମ୍ମାନ ଅଧକ୍ଷ ପ୍ରିୟରଞ୍ଜନ ମାହୁନ୍ତ ପ୍ରମୁଖ କଳା ଓ ସଂସ୍କୃତି କ୍ଷେତ୍ରରେ ଢେଙ୍କାନାଳ ଜିଲାର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୁରୁ ଯାମିନୀ ରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. ସୁଚେତା ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ବଂଶୀ ବାଦକ ଗଗନ ବିହାରୀ ନନ୍ଦ, ଗୀତିକାର ରଘୁନାଥ ଦାସ, ସଙ୍ଗୀତ ନିର୍ଦ୍ଦେଶକ ଭଗବାନ ଗୁରୁ, ଯୁବ ନୃତ୍ୟଶିଳ୍ପୀ ଅନିକେତ ପଲ୍ଲବ ନାୟକ ଓ ସାମାଜିକ ସେବା ଅନୁଷ୍ଠାନ ବଜରଙ୍ଗ କ୍ଲବକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



କପିଳାସ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଅତିଥି।

**୭ମ କପିଳାସ ମହୋତ୍ସବ ଉଦ୍‌ଯାପିତ**

# ବରିଷ୍ଠଙ୍କୁ ସରକାରୀ ସୁବିଧା ଆବଶ୍ୟକ

ବଇଣ୍ଡା,୧।୧୦(ଡି.ଏନ.ଏ.)

ଅନେକ ବରିଷ୍ଠ ନାଗରିକ ବହୁ ଅସୁବିଧାରେ ରହୁଛନ୍ତି। ସରକାରୀସ୍ତରରେ ବିଭିନ୍ନ ଯୋଜନା କରାଯାଇ ସେମାନଙ୍କୁ ସୁବିଧା ଯୋଗାଇ ଦେବା ଆବଶ୍ୟକ ବୋଲି ଶନିବାର କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ ସଭାଗୃହ ପରିସରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ସମାରୋହରେ ଯୋଗ ଦେଇଥିବା ବରିଷ୍ଠ ନାଗରିକମାନେ ମତପ୍ରକାଶ କରିଛନ୍ତି। ବିଡିଓ ବିନୋଦ ବିହାରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଅତିଥି ଭାବେ ବ୍ଲକ ଉପାଧକ୍ଷ ଲବ କୁମାର ପ୍ରଧାନ, ବରିଷ୍ଠ ନାଗରିକ ସଚ୍ଚିଦାନନ୍ଦ ସାହୁ, ଅର୍ଜୁନ ସାହୁ, ବସନ୍ତ ଗଡ଼ନାୟକ, ବସନ୍ତ ନାୟକ, ସନାତନ ସାହୁ, ରାମଚନ୍ଦ୍ର ଦେହୁରୀ, ଭଗବାନ ପ୍ରଧାନ, ଚନ୍ଦ୍ରମଣି ପ୍ରଧାନ, ଅନାମ ପ୍ରଧାନ, କୃପାସିନ୍ଧୁ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠମାନଙ୍କ ସୁବିଧା ପାଇଁ ଜାତୀୟ ରାଜପଥରେ ସ୍ୱତନ୍ତ୍ର ବିଶ୍ରାମାଗାର, ବସ୍ ସୁବିଧା ଓ ସ୍ୱାସ୍ଥ୍ୟବୀମା ପ୍ରଦାନ ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା।




# ସମସ୍ୟା, ନିରାକରଣ ଉପରେ ଆଲୋଚନା

ବଣ୍ଟେଁରପାଳ, ୧।୧୦ (ଡି.ଏନ.ଏ.)

ନାଲ୍‌କୋନଗର ଶ୍ରମିକ ଭବନ ଠାରେ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନର ଏକ ସାଧାରଣ ସଭା ସଙ୍ଗଠନର ସାଧାରଣ ସମ୍ପାଦକ ବିଭବ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋ ସିପିପି ଗ୍ରୁପ୍ ଜେନେରାଲ ମ୍ୟାନେଜର ସୁଧୀର ପଟ୍ଟନାୟକ, ଗ୍ରୁପ୍ ଜେନେରାଲ ମ୍ୟାନେଜର ମନୋରଞ୍ଜନ ଆଚାର୍ଯ୍ୟ, ଡିଜିଏମ୍ ରାଜାରାମ ମିଶ୍ର, ଇଷ୍ଟେଟ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ଶ୍ରମିକ ନେତା ତଥା ପ୍ରବନ୍ଧକ ଭାସ୍କର ସାହୁ ଓ ସହପ୍ରବନ୍ଧକ ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ହେମନ୍ତ ପ୍ରଧାନ ସଭାପତିତ୍ୱ କରିଥିଲେ। ଏହି ସଭାରେ ସଙ୍ଗଠନର ବିଭିନ୍ନ ସମସ୍ୟା ଓ ତାହାର ନିରାକରଣ ଉପରେ ଆଲୋଚନା ହୋଇଥିଲା। ନାଲ୍‌କୋ ସିପିପିର ଆଧୁନିକୀକରଣ ଓ ପୁରୁଣା ପ୍ଲାଣ୍ଟର ରକ୍ଷଣାବେକ୍ଷଣ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ପ୍ରତ୍ୟେକ ବିଭାଗରେ ମାନବ ସମ୍ବଳର ଅଭାବ ପୂରଣ ଦିଗରେ ସଙ୍ଗଠନ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରେ ଦାବି ଜଣାଇବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ବେହେରା, ପ୍ରଣବ ଜେନା, ସନ୍ତୋଷ ମହାରଣା, ଆର୍ତ୍ତତ୍ରାଣ ସାମଲ, ସନ୍ତୋଷ ରାଉତ, ଆର.କେ. ସିଂ, ଜେ.କେ. ଆଲୁକ, ପି.କେ. ମିଶ୍ର, ଶୁଭ୍ରାଂଶୁ ବେହେରା, ଡମ୍ବରୁ ସାହୁ, ନଟବର ବେହେରା, ରବୀନ୍ଦ୍ର ଓଝା, ତ୍ରିନାଥ ମହାପାତ୍ର, ନାଗେଶ୍ୱର ବେହେରା, ଟିକନ୍ ଦେହୁରୀ, ରଞ୍ଜନ ଦ୍ୱିବେଦୀ, ପ୍ରଦୀପ୍ତ ସାହୁ, ସୁଶୀଲ ସାହୁ, ଏସ୍. ପରିଜା, ହରିହର ନାଥଙ୍କ ସମେତ ୨ଶହରୁ ଅଧିକ ସଭ୍ୟ ଉପସ୍ଥିତ ଥିଲେ।



ମୁଖ୍ୟ ଅତିଥି ଜିଜିଏମ୍ ସୁଧୀର ପଟ୍ଟନାୟକ ସମେତ ଅନ୍ୟ ଅତିଥି ବୃନ୍ଦ।

# ସୁରଟରୁ ଆସୁଛି ଶ୍ରମିକଙ୍କ ମୃତଦେହ

ମାଧପୁର୧।୧୦

ପରିବାରର ଆର୍ଥିକ ସ୍ୱଚ୍ଛଳତା ନ ଥିବାରୁ ଜଣେ ଶ୍ରମିକଙ୍କ ମୃତଦେହ ଗୁଜରାଟର ସୁରଟରୁ ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତ ତେଣ୍ଟେଇପାଲି ଗ୍ରାମକୁ ଆଣିବା କଷ୍ଟକର ହୋଇପଡ଼ିଥିଲା। ତେବେ ଏ ନେଇ ସରପଞ୍ଚ, ସାମାଜିକ କର୍ମୀଙ୍କ ଉଦ୍ୟମ ଓ ସରକାରଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ଶ୍ରମିକଙ୍କ ମୃତଦେହ ଗ୍ରାମ ଅଭିମୁଖେ ଆସୁଥିବା ସୂଚନା ମିଳିଛି। ଘଟଣାରୁ ଜଣାପଡ଼ିଛି, ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ତେଣ୍ଟେଇପାଲି ଗ୍ରାମର ଦୁଆରୀ ନାଏକ (୫୦) ଦୀର୍ଘ ବର୍ଷ ଧରି ସୁରଟଠାର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେଠାରେ କୌଣସି ଅଘଟଣ ଯୋଗୁ ଶନିବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ପରିବାରର ଆର୍ଥିକ ସ୍ୱଚ୍ଛଳତା ନ ଥିବା ଯୋଗୁ ତାଙ୍କ ମୃତଦେହ ଗ୍ରାମକୁ ଆଣିବା କଷ୍ଟକର ହୋଇପଡ଼ିଥିଲା। ଏ ନେଇ ପରିବାର ଲୋକେ ସ୍ଥାନୀୟ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସରପଞ୍ଚ ଏ ସମ୍ପର୍କରେ ଆଠମଲ୍ଲିକ ଉପଜିଲାପାଳଙ୍କୁ ଅବଗତ କରିଥିଲେ। ପରେ ମାଧପୁର ଅଞ୍ଚଳର ନାରୀନେତ୍ରୀ ପ୍ରିୟଦର୍ଶନୀ ସ୍ୱାଇଁ ଟୁଇଟ୍ ଯୋଗେ ଶ୍ରମ ବିଭାଗର ଅଧିକାରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠକୁ ଜଣାଇଥିଲେ। ତୁରନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଟୁଇଟ୍‌ର ଜବାବ ଦିଆଯିବା ସହିତ ମୃତଦେହ ଅଣାଯିବାର ବ୍ୟବସ୍ଥା କରାଯାଇଥିଲା। ଅନୁଗୋଳ ସହକାରୀ ଶ୍ରମ ଅଧିକାରୀ ଦେବପ୍ରସାଦ ମହାନ୍ତି ମୃତ ଶ୍ରମିକଙ୍କ ପରିବାର ଲୋକଙ୍କୁ ଭେଟି ଅପରାହ୍ନ ୩ଟା ୩୬ରେ ସୁରଟରୁ ଆମ୍ବୁଲାନ୍ସରେ ମୃତଦେହ ଆସୁଥିବା ଜଣାଇଥିଲେ। ସରକାର, ସ୍ଥାନୀୟ ସରପଞ୍ଚ ଏବଂ ସାମାଜିକ କର୍ମୀ ସ୍ୱାଇଁଙ୍କ ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।



ଅନୁଗୋଳ ସହକାରୀ ଶ୍ରମ ଅଧିକାରୀ ମୃତ ଶ୍ରମିକଙ୍କ ସମ୍ପର୍କରେ ସୂଚନା ସଂଗ୍ରହ କରୁଛନ୍ତି।

**ଟୁଇଟ୍ ପରେ ତ୍ୱରିତ ପଦକ୍ଷେପ**

# ଶେଷ ଯାଏ ସେବା କରିବା ଲକ୍ଷ୍ୟ

**ଛେଣ୍ଡିପଦା,୧।୧୦(ଅଜିତ ଧଳ)**

୩୮ ବର୍ଷ ତଳେ ଭାରତୀୟ ନୌସେନାରେ ଯୋଗଦେଇ ଦେଶ ମାତୃକାର ସେବା କରିବାର ସୁଯୋଗ ପାଇଥିଲେ। ଏପରି କି ଶ୍ରୀଲଙ୍କା ଯାଇଥିବା ଶାନ୍ତିସେନାରେ ସେ ସଦସ୍ୟ ମଧ୍ୟ ଥିଲେ। ହେଲେ ସେଠାରେ ଘଟିଥିବା ଏକ ଦୁର୍ଘଟଣା ତାଙ୍କୁ ଶାରୀରିକ ଅକ୍ଷମ କରିଦେବା ସହ ଅଧିକ ଦିନଧରି ଦେଶ ସେବାରୁ ବଞ୍ଚିତ କରିଥିଲା। ମାତ୍ର ୬ ବର୍ଷ ସେନାରେ ରହିବା ପରେ ସେ ଅବସର ନେଇ ଫେରିଥିଲେ ନିଜ ଗାଁ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡା ଗ୍ରାମକୁ। ପରେ ପରିବାର ଲୋକେ ରହୁଥିବା ମାମୁଘର ପରାକୁ କିଛି ଦିନ ପାଇଁ ଚାଲିଯାଇଥିଲେ। ସେବେଠାରୁ ବାଲ୍ୟ ବିବାହ ରୋକିବା, ଶିଶୁ ଶ୍ରମିକଙ୍କ ଉଦ୍ଧାର ସହ ସମାଜରେ ଶାନ୍ତି ଓ ମୈତ୍ରୀପୂର୍ଣ୍ଣ ବାତାବରଣ ପ୍ରତିଷ୍ଠା ଦିଗରେ କାର୍ଯ୍ୟ କରିଆସୁଛନ୍ତି ଅବସରପ୍ରାପ୍ତ ନୌସେନା ଅଧିକାରୀ ଅନିରୁଦ୍ଧ ସାହୁ।



ଅନିରୁଦ୍ଧ ସାହୁ।

ଜରପଡା ଗ୍ରାମରେ ୨୨ ଏପ୍ରିଲ ୧୯୬୬ରେ ଜନ୍ମିତ ଅନିରୁଦ୍ଧ ୫ ଜୁଲାଇ ୧୯୮୪ରେ ଭାରତୀୟ ନୌସେନାରେ ଯୋଗ ଦେଇଥିଲେ। ତାଙ୍କୁ ରେଡିଓ ଓ ରାଡାର ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ଷେତ୍ରରେ ବେଶ୍ ପାରଙ୍ଗମତା ପ୍ରଦର୍ଶନ ଯୋଗୁ ତାଙ୍କୁ ୧୯୮୮ରେ ଶ୍ରୀଲଙ୍କା ପଠାଯାଇଥିବା ଶାନ୍ତି ସେନାରେ ସାମିଲ କରାଯାଇଥିଲା। ହେଲେ ଶ୍ରୀଲଙ୍କାରେ ରାଡାର ଆଣ୍ଟିନା ମରାମତି ବେଳେ ଦୁର୍ଘଟଣା ଘଟି ତାଙ୍କ ଶରୀରର ବାମପାର୍ଶ୍ୱ ଅଙ୍ଗ ସାମାନ୍ୟ ଅଚଳ ହୋଇଯାଇଥିଲା। ଦୀର୍ଘଦିନ ଧରି ଚିକିତ୍ସା ସତ୍ତ୍ୱେ ସେ ନୌସେନାରେ କାମ କରିବା ପାଇଁ ଆଉ ସକ୍ଷମ ହୋଇପାରି ନ ଥିଲେ। ଏହାପରେ ଆନ୍ଧ୍ରପ୍ରଦେଶସ୍ଥିତ ପ୍ରତିରକ୍ଷା ପ୍ରକଳ୍ପରେ କାମ କରିବାର ସୁଯୋଗ ତାଙ୍କୁ ଦିଆଯାଇଥିଲା। ସେଠାରେ ୨ ବର୍ଷ ୨ମାସ କାର୍ଯ୍ୟ କରିବା ପରେ ତାଙ୍କୁ ୧୯୯୦ରେ ଦାୟିତ୍ୱମୁକ୍ତ କରାଯାଇଥିଲା। ସେନାରୁ ଅବସର ନେବା ପରଠାରୁ ସେ ସମାଜ ସେବାରେ ନିଜକୁ ବ୍ରତୀ କରିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ମାମୁଘର ପରା ଓ ନିଜ ଗ୍ରାମ ଜରପଡ଼ା ଅଞ୍ଚଳର ବିକାଶ ନିମନ୍ତେ ବିଭିନ୍ନ ସାହାଯ୍ୟ ସହଯୋଗ କଲେ। ପଡିଆଜମିରେ ବନୀକରଣ କରି ସବୁଜ ପରିବେଶ ସୃଷ୍ଟି କଲେ। ଅଧିକ ପାଠ ପଢ଼ିବାକୁ ଆଗ୍ରହ ହେବାରୁ ସେ ୧୯୯୧ରେ ବନ୍ତଳା ମହାବିଦ୍ୟାଳୟରେ ଯୁକ୍ତ ୩ରେ ନାମ ଲେଖାଇ ୧୯୯୪ରେ ଗ୍ରାଜୁଏଶନ ପାସ କଲେ। ପ୍ରୌଢ ଶିକ୍ଷା, ସମଗ୍ର ଶିକ୍ଷା ଅଭିଯାନକୁ ଆଗକୁ ନେବାରେ ସହାୟତା କଲେ। ତେବେ କଲେଜ ଯିବା ସମୟରେ ଶିଶୁଶ୍ରମିକମାନଙ୍କୁ ଦେଖି ସେ ତାହାର ନିରାକରଣ ଦିଗରେ କାର୍ଯ୍ୟ ଆରମ୍ଭ କଲେ। ଜିଲା ପ୍ରଶାସନ ସହାୟତାରେ ସେମାନଙ୍କୁ କିପରି ଉଦ୍ଧାର କରାଯିବ ସେଥିରେ ଦିନରାତି ଲାଗିପଡ଼ିଲେ। ଆଖପାଖ ଅଞ୍ଚଳରେ ହେଉଥିବା ନାବାଳିକା ବିବାହ ରୋକିବାରେ ପ୍ରଶାସନକୁ ସହାୟତାର ହାତ ବଢ଼ାଇଲେ। ମଠ, ମନ୍ଦିର, ସ୍କୁଲ ଆଦି ବୁଲି ସମସ୍ୟା ଜାଣି ତାହାର ସମାଧାନ ଦିଗରେ ସମୟ ଦେଲେ। ଦୀର୍ଘ ୩୨ ବର୍ଷ ମଧ୍ୟରେ ଏ କ୍ଷେତ୍ରରେ ତାଙ୍କୁ ଅନେକ ସଫଳତା ସହ ପୁରସ୍କାର ମିଳିଛି। କୋଭିଡ୍ ବେଳେ ନିଜେ ଅର୍ଥ ଦେଇ ରୋଗୀଙ୍କୁ ମେଡିକାଲ ପଠାଇବା, ସଚେତନତା କାର୍ଯ୍ୟ କରିବା ଓ ଛାମୁଆଁ ଯୋଦ୍ଧାଙ୍କୁ ଖାଦ୍ୟ ଯୋଗାଇ ଦେଇ ସେ ଜିଲାରେ ବେଶ୍ ପ୍ରଶଂସା ଅର୍ଜନ କରିଥିଲେ। ସମାଜସେବା ପାଇଁ ନିଜ ପେନସନ ଅର୍ଥ ବ୍ୟୟ କରୁଥିବା ଏହି ଅବସରପ୍ରାପ୍ତ ନୌସେନା ଅଧିକାରୀ ୨୦୦୮ରେ ହଣ୍ଡପା ଗ୍ରାମର ବନିତା ସାହୁଙ୍କୁ ବିବାହ କରିଥିଲେ। ଗାନ୍ଧୀ ଓ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବାରୁ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସମାଜସେବା କରିବାକୁ ଶପଥ ନେଇଥିବା ଅନିରୁଦ୍ଧ ପ୍ରକାଶ କରିଛନ୍ତି। ଅବସରପ୍ରାପ୍ତ ଏହି ନୌସେନା ଅଧିକାରୀଙ୍କ ଏପରି ସେବାମୂଳକ କାର୍ଯ୍ୟକୁ ଦେଖି ତାଙ୍କୁ ପଦ୍ମ ପୁରସ୍କାର-୨୦୨୩ ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ଗତ ଜୁଲାଇ ୨୯ରେ ପ୍ରସ୍ତାବ ପଠାଯାଇଥିବା ସୂଚନା ମିଳିଛି।

**ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଅନିରୁଦ୍ଧ**

# ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ଛୁଟୁଛି ଶୁଭେଚ୍ଛା

**ଢେଙ୍କାନାଳ ଅଫିସ,୧।୧୦**



ସୁଶ୍ରୀ ଦିବ୍ୟଦର୍ଶିନୀ।

ଢେଙ୍କାନାଳର ଝିଅ ସୁଶ୍ରୀ ଦିବ୍ୟଦର୍ଶିନୀ ଓଡ଼ିଶା ମହିଳା କ୍ରିକେଟ ଦଳର ଉପ ଅଧିନାୟକ ହୋଇଛନ୍ତି। ଦୁଇଦିନ ତଳେ ଓଡ଼ିଶା ଦଳ ଚୟନ ସମୟରେ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ନାମ ଦଳର ଉପ ଅଧିନାୟକ ଭାବେ ଘୋଷଣା କରାଯାଇଥିଲା। ଏହି ଖବର ଜଣାପଡ଼ିବା ପରେ ଢେଙ୍କାନାଳ ସମେତ ତାଙ୍କର ନିଜସ୍ୱ ଗ୍ରାମ ଗଁଦିଆ ବ୍ଲକ କାଶୀପୁର ପଞ୍ଚାୟତ ଭାଲିଆପାଟ ଗ୍ରାମରେ ଖୁସିର ଲହରି ଖେଳିଯାଇଛି। ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ସୋସିଆଲ ମିଡିଆ ଜରିଆରେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ପିତା ନିବାସ କୁମାର ପ୍ରଧାନ ରେଳବାଇର ଜଣେ କର୍ମଚାରୀ ଓ ମାତା ଚନ୍ଦ୍ରାବତୀ ପ୍ରଧାନ ଗୃହିଣୀ। ମା, ବାପାଙ୍କର ସେ ବଡଝିଅ। ପିଲାଟି ଦିନରୁ କ୍ରିକେଟ ଖେଳିବା ପାଇଁ ତାଙ୍କର ପ୍ରବଳ ଇଚ୍ଛାଥିବାରୁ ତାଳ ବାହୁଙ୍ଗାରେ ବ୍ୟାଟ୍ କରି ଖେଳୁଥିଲେ। ଭୁବନେଶ୍ୱରରେ ରହିବା ପରେ ସେ ଧୀରେ ଧୀରେ ଭଲ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ୨୦୧୨ ମସିହାରେ ସେ ଜଣେ ଭଲ ଖେଳାଳି ଭାବେ ନିଜର ପରିଚୟ ସୃଷ୍ଟି କରିଥିଲେ ବୋଲି ତାଙ୍କ ମା କହିଛନ୍ତି। ଆସନ୍ତା ୧୧ ତାରିଖରୁ ବାଙ୍ଗାଲୋରଠାରେ ହେବାକୁ ଥିବା ମହିଳା ଟି-୨୦ ସିନିୟର ଚାମ୍ପିୟନଶିପ୍‌ରେ ସେ ଓଡ଼ିଶା ଦଳର ଉପ ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି। ବର୍ତ୍ତମାନ କିଟ୍ ଅନୁଷ୍ଠାନ ପରିସରରେ ହେଉଥିବା କ୍ୟାମ୍ପରେ ସେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ପାଇଁ ସେ କୋଚ୍ କ୍ଷୀରୋଦ ବେହେରା ଓ ଓଡ଼ିଶା କ୍ରିକେଟ ଆସୋସିଏଶନକୁ କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶାକୁ ଟି-୨୦ ଚାମ୍ପିୟନ କରିବା ପାଇଁ ସମସ୍ତ ଉଦ୍ୟମ କରାଯିବ ବୋଲି ଦିବ୍ୟଦର୍ଶିନୀ କହିଛନ୍ତି। ଭବିଷ୍ୟତରେ ଭାରତୀୟ ଦଳରେ ସାମିଲ ହେବା ଲକ୍ଷ୍ୟ ରଖି ସେ ପରିଶ୍ରମ ଜାରି ରଖିଥିବା ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରକାଶ କରିଛନ୍ତି। ଏଥିପୂର୍ବରୁ ସେ ଦୁବାଇଠାରେ ଅନୁଷ୍ଠିତ ମହିଳା ଆଇପିଏଲ୍ କ୍ରିକେଟ, ଶ୍ରୀଲଙ୍କାରେ ୨୦୧୯ରେ ଅନୁଷ୍ଠିତ ଏମରଜିଙ୍ଗ ଜୁନିୟର ମହିଳା ଏସିଆ କପ୍‌ରେ ଖେଳିଥିଲେ। ଢେଙ୍କାନାଳ ଜିଲା, ସହର ଏବଂ ଗଁଦିଆ ବ୍ଲକ ଅଞ୍ଚଳର ବିଭିନ୍ନ ବ୍ୟକ୍ତି ବିଶେଷ, ଶିକ୍ଷୟିତ୍ରୀ ଶିକ୍ଷକ, କ୍ରୀଡାବିତ୍ ଓ ଜନ ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଦିବ୍ୟଦର୍ଶିନୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ମହିଳା କ୍ରିକେଟ ଦଳର ଉପ ଅଧିନାୟକ ଢେଙ୍କାନାଳ ଝିଅ**






# ନବୀକରଣ ହେଲା ଗାନ୍ଧୀ ଉଦ୍ୟାନ

**ଅନୁଗୋଳ ଅଫିସ, ୧।୧୦**

ଅନୁଗୋଳ ସହର ବୁଢ଼ୀ ଠାକୁରାଣୀ ଛକରେ ଥିବା ଗାନ୍ଧୀ ଉଦ୍ୟାନ ନବୀକରଣ କରାଯାଇଛି। ଅନୁଗୋଳ ପୌରପାଳିକା ପକ୍ଷରୁ ଏହି ନବୀକରଣ କାର୍ଯ୍ୟ କରାଯାଇଥିବାବେଳେ ଏହାକୁ ଗାନ୍ଧୀ ଜୟନ୍ତୀରେ କାର୍ଯ୍ୟକ୍ଷମ କରାଯିବ। ଗାନ୍ଧୀ ଉଦ୍ୟାନ ପାଚେରିରେ ଚିତ୍ରକଳା ମାଧ୍ୟମରେ ଗାନ୍ଧୀଙ୍କ ବିଭିନ୍ନ ବାର୍ତ୍ତା ଦିଆଯାଇଥିବାବେଳେ ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀଙ୍କ ଭୂମିକା ସମ୍ପର୍କିତ ଚିତ୍ର ଅଙ୍କନ କରାଯାଇଛି। ସେହିପରି ଉଦ୍ୟାନ ଚତୁଃପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇ ପାର୍କିଂ ଫ୍ରି କରାଯାଇଛି। ସେଠାରେ ପୌରପାଳିକା ପକ୍ଷରୁ ଚୌକି ପକାଯିବାର ବ୍ୟବସ୍ଥା କରାଯାଉଛି। ଉଦ୍ୟାନ ଭିତରେ ଓ ବାହାରେ ଆଲୋକୀକରଣ କରାଯିବା ସହ ମୁଖ୍ୟ ଫାଟକ ମଧ୍ୟ ବଦଳାଯାଇଛି। ବିଭିନ୍ନ ସ୍ଥାନରେ ରଙ୍ଗ ଦିଆଯାଇ ପାର୍କର ଶୋଭା ବର୍ଦ୍ଧନ କରାଯାଇଛି। ସୂଚନାଯୋଗ୍ୟ, ଦୀର୍ଘ ଦିନ ହେବ ଗାନ୍ଧୀ ପାର୍କ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା। ତେଣୁ ଗାନ୍ଧୀ ଜୟନ୍ତୀ ପୂର୍ବରୁ ପାର୍କର ପୁନରୁଦ୍ଧାର କରାଯାଇ ନବୀକରଣ କରାଯାଇଛି।











# ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**କଣିହାଁ, ୧।୧୦ (ଡି.ଏନ.ଏ.)**

କଣିହାଁ ବ୍ଲକ ବିଜେଡି ତରଫରୁ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେଉଥିବା ପଦଯାତ୍ରା ପାଇଁ ଶନିବାର କଣିହାଁ ଗାନ୍ଧୀ ସ୍ମୃତିପୀଠ ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଣିହାଁ ବ୍ଲକର ୧୯ ପଞ୍ଚାୟତର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଏହି ପଦଯାତ୍ରା ନିର୍ବାଚନ ମଣ୍ଡଳୀରେ ଥିବା ପାଲଲହଡ଼ା ଓ କଣିହାଁ ବ୍ଲକର ୪୫ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ଅନୁଷ୍ଠିତ ହେବ। ଏହି ବୈଠକରେ ପାଲଲହଡ଼ା ବିଧାୟକ ମୁକେଶ ପାଲ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ୮ନଂ. ଜୋନ ସଭାପତି ବାବୁଲା ପ୍ରଧାନ, ୯ ନଂ. ଜୋନ ସଭାପତି ସୁନୀଲ ପ୍ରଧାନ, ବ୍ଲକ ସଭାପତି କୈଳାସ ସାହୁ, ସମ୍ପାଦକ ହିମାଞ୍ଚଳ ପଣ୍ଡା ଉପସ୍ଥିତ ଥିଲେ।

# ମଦ ଜବତ ଜଣେ ଗିରଫ

**ବଣ୍ଡା, ୧।୧୦ (ଡି.ଏନ.ଏ.)**

କିଶୋରନଗର ପୋଲିସ ସୁସବ ନିକଟରେ ଥିବା ମାରୁତି ଢାବାରେ ଚଢ଼ାଉ କରି ୧୦ ବୋତଲ ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ଢାବା ମାଲିକ ସୀତାକାନ୍ତ ପ୍ରଧାନଙ୍କୁ ଗିରଫ କରାଯାଇଛି। ସେ ଢାବାରେ ମଦବିକ୍ରି କରୁଥିବା ଖବରପାଇ ଆଇଆଇସି ଲବ ବୋଡା ଚଢ଼ାଉ କରିଥିଲେ। ଏ ନେଇ ନମ୍ବର ୧୭୩/୨୨ରେ ଏକ ମାମଲା ରୁଜୁ ହୋଇଛି।









## ସଂକ୍ଷେପରେ

### ଲିପିଲୋଇ ଦଳ ଚାମ୍ପିୟନ

ଆଠମଲ୍ଲିକ, ୧।୧୦ (ଡି.ଏନ.ଏ.)- ଆଠମଲ୍ଲିକଠାରେ ଆୟୋଜିତ ଜୁନିଅର ଆଥଲେଟିକ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଲିପିଲୋଇ ଦଳ ବୌଦ୍ଧ ପ୍ରଗଲପୁର ଦଳକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଆଥଲେଟିକ ସଭାପତି ତଥା ଉପଜିଲାପାଳ ତରଣୀ ସୁନା ଯୋଗଦେଇ ଖେଳକୁଦ ଭାଇଚାରା ସୃଷ୍ଟି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ପରେ ମୁଖ୍ୟ ଅତିଥି ଚାମ୍ପିୟନ ଲିପିଲୋଇ ଦଳକୁ ଟ୍ରଫି ଓ ପ୍ରଗଲପୁର ଦଳକୁ ରନର୍ସ କପ୍ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ତହସିଲଦାର ଯଶୋବନ୍ତ ଦେହୁରୀ, ସହକାରୀ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଆଥଲେଟିକ ଉପ ସଭାପତି ପୀତବାସ ସାହୁ, ସମ୍ପାଦକ ରଞ୍ଜନ ମହାକୁଡ଼ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରଞ୍ଜନ ନାଏକ, ପ୍ରିୟରଞ୍ଜନ ସେଠୀ, କୈଳାସ ବେହେରା, ସୁଜିତ ରାଜହଂସ ଖେଳ ପରିଚାଳନା କରିଥିଲେ।

# ଲୋକଙ୍କ ସେବା ହେଉଛି ମୁଖ୍ୟ

**ଢେଙ୍କାନାଳ ଅଫିସ,୧।୧୦**

ଢେଙ୍କାନାଳ ଜିଲା ବିଜେଡି ପକ୍ଷରୁ ୨ ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ କରାଯିବ। ଏହା ଆସନ୍ତା ନଭେମ୍ବର ୨ ପର୍ଯ୍ୟନ୍ତ ମାସେ ବ୍ୟାପୀ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଦଳ ପକ୍ଷରୁ ଶନିବାର ପୂର୍ବାହ୍ନରେ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଏକ ହୋଟେଲ ସମ୍ମିଳନୀ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲା ବିଜେଡି ସଭାପତି ତଥା ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶନରେ ତୃଣମୂଳସ୍ତରରେ ଲୋକମାନଙ୍କ ସହ ଯୋଡି ହେବା ଏବଂ ସରକାରଙ୍କର ସମସ୍ତ ଯୋଜନା ସମ୍ପର୍କରେ ଅବଗତ କରାଇବା ଲକ୍ଷ୍ୟନେଇ ଦଳ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ। ଲୋକମାନଙ୍କ ସେବା ହେଉଛି ମୁଖ୍ୟ। ରାଜନୀତି ଏକ ମାଧ୍ୟମ ମାତ୍ର। ଏହି କଥାକୁ ମନେରଖି ସମସ୍ତେ ଲୋକମାନଙ୍କ ପାଇଁ କାମ କରିବା। ଗତ ୨୨ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ଜନହିତକର ଯୋଜନା



ପଦଯାତ୍ରା ପାଇଁ ବିଜେଡିର ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜନପ୍ରତିନିଧିମାନେ।

ଓ କାର୍ଯ୍ୟକ୍ରମ ଗୁଡିକୁ ଗ୍ରାମାଞ୍ଚଳ ଲୋକଙ୍କ ନିକଟରେ ଲିଖିତ ଭାବେ ରଖିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ବୈଠକରେ ଯୋଗଦେଇ ଏମ୍‌ପି ମହେଶ ସାହୁ କହିଥିଲେ, ସମସ୍ତ କାର୍ଯ୍ୟକ୍ରମର ଏକ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ। ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ କହିଥିଲେ, ବିଜେଡି ସବୁବେଳେ ପଦଯାତ୍ରା ମାଧ୍ୟମରେ ଲୋକମାନଙ୍କ ପାଖରେ ପହଞ୍ଚିବା କାର୍ଯ୍ୟ ଜାରି ରଖିଛି। ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ କହିଥିଲେ, ୨୨ବର୍ଷ ପୂର୍ବରୁ ଓଡ଼ିଶାରେ କ’ଣ ହୋଇଥିଲା ଓ ୨୨ବର୍ଷ ପରର ଓଡ଼ିଶାରେ ବିଜେଡି ସରକାର ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, କୃଷି ଆଦି କ୍ଷେତ୍ରରେ କରିଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକମାନଙ୍କ ପାଖକୁ ଯାଇ ସେମାନଙ୍କୁ ଅବଗତ କରାଯିବ। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ପଦଯାତ୍ରାରେ ଗ୍ରାମାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଯୋଡିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଉପ ସଭାପତି ବିଳାସିନୀ ସେଠୀ ମଞ୍ଚାସୀନ ଥିଲେ। ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ ପଦଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଜେଡି ରାଜ୍ୟ ସାଧାରଣ

### ଏକମାସ ବ୍ୟାପୀ ପଦଯାତ୍ରା ପାଇଁ ବିଜେଡିର ପ୍ରସ୍ତୁତି

ସମ୍ପାଦକ ହର୍ଷବର୍ଦ୍ଧନ ସିଂହଦେଓ, ରାଜ୍ୟ ମହିଳା ବିଜେଡି ଉପସଭାପତି ସାଇଶ୍ରୀ ପଟ୍ଟନାୟକ, ଜିଲା ବିଜେଡି ଉପସଭାପତି ଲକ୍ଷ୍ମୀଧର ସାହୁ, ଡ୍ରିଟ୍ ପୂର୍ବତନ ଅଧ୍ୟକ୍ଷ ଦେବୀ ପ୍ରସାଦ ଭୂତିଆ, ଢେଙ୍କାନାଳ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ନଗର ସଭାପତି ଇନ୍ଦ୍ରମଣି ବେହେରା, ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, କାର୍ଯ୍ୟକାରୀ ସଭାପତି ରୁବି ବିଶ୍ୱାଳ, କୃଷକ ସଂଗଠନ ସଭାପତି ନରୋତ୍ତମ ସାହୁ, ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡା, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ଯୁବ ବିଜେଡି ରାଜ୍ୟ ସମ୍ପାଦକ ଦେବୀ ପ୍ରସାଦ ପଟ୍ଟନାୟକ ଓ ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶଶିକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ ଧନ୍ୟବାଦ ପ୍ରଦାନ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

dklselfie@gmail.com


@ ସୌମ୍ୟା ରଞ୍ଜନ



@ ଜିପୁନ


@ ବିକେନ୍ଦ୍ର


@ ମଳୟ

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍‌ଫି ଉଠାଇ ପଠାନ୍ତୁ। ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ ନମ୍ବର ଦିଅନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍‌ଫି ଉଠାଇବା ଅନୁଚିତ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ବରିଷ୍ଠ ନାଗରିକ ଚିର ନମସ୍ୟ

**ଢେଙ୍କାନାଳ ଅଫିସ,୧।୧୦**

ଢେଙ୍କାନାଳ ଜିଲା ସଦର ମହକୁମାରେ ଶନିବାର ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଏହି ଦିବସ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ସହରସ୍ଥିତ ଗୁଡିଆନାଳୀ କଲ୍ୟାଣ ମଣ୍ଡପଠାରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ପ୍ରାୟ ୨୨୦ ଜଣ ବରିଷ୍ଠ ନାଗରିକ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ନେଇଥିଲେ। ଜିଲାପାଳ ସରୋଜ କୁମାର ସେଠୀ ଏହି ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରି କହିଲେ ଯେ, ବରିଷ୍ଠ ନାଗରିକମାନେ ଆମର ଚିର ନମସ୍ୟ। ଜିଲାର ସମସ୍ତ ବରିଷ୍ଠ ନାଗରିକ ସୁସ୍ଥ ରହିବା ସହ ଦୀର୍ଘାୟୁ ହୁଅନ୍ତୁ ବୋଲି ଜିଲାପାଳ କାମନା କରିଥିଲେ। ମେଗା ସ୍ୱାସ୍ଥ୍ୟ ଶିବିରକୁ ଆସିଥିବା ବରିଷ୍ଠ ମହିଳା ଓ ପୁରୁଷମାନଙ୍କ ସହିତ ଜିଲାପାଳ ଭାବ ବିନିମୟ କରି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଶିବିରରେ ହୃଦ୍‌ରୋଗ, କର୍ଣ୍ଣ, ନାସା, ଗଳା, ଅସ୍ଥିଶଲ୍ୟ, ଚକ୍ଷୁ ଓ ଦନ୍ତରୋଗ, ରକ୍ତ ପରୀକ୍ଷା ଓ ରକ୍ତଚାପ ଆଦି ମପାଯାଇ ଔଷଧ ବିତରଣ କରାଯାଇଥିଲା। ସେହିପରି ଗାନ୍ଧୀ ଜୟନ୍ତୀ ଅବସରରେ ରବିବାର ସ୍ଥାନୀୟ ମିନି ଷ୍ଟାଡିୟମଠାରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହେବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ ସୂଚନା ଦେବା ସହ ସହରବାସୀ ଏହାର ସୁଯୋଗ ନେବାକୁ ଅନୁରୋଧ କରିଥିଲେ। ଶିବିରରେ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ, ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା ଦୀପ୍ତିଶ କୁମାର ପଟ୍ଟନାୟକ, ବିଶ୍ୱନାଥ ବେହେରା, ବସନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ।


ବରିଷ୍ଠ ନାଗରିକଙ୍କ ସହ ଜିଲାପାଳ ଭାବ ବିନିମୟ କରୁଛନ୍ତି।

- ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ
- ୨୨୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

## ନିଖୋଜ ଯୁବକଙ୍କ ମୃତଦେହ ଜବତ

**ପରଜଙ୍ଗ,୧।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଜଟିଆ ନିକଟରେ ଯାଇଥିବା ବ୍ରାହ୍ମଣୀ ନଦୀରେ ବୁଡ଼ି ଶୁକ୍ରବାର ନିଖୋଜ ଥିବା ଯାଜପୁର ଜିଲା ଢୁବୁରି ବାଛୁରିସାହିର ରାଜେନ୍ଦ୍ର ନାୟକ (୩୨)ଙ୍କ ମୃତଦେହ ଶନିବାର ନଦୀ ପୋଲ ତଳୁ ଜବତ କରାଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀମାନେ ମୃତଦେହ ଉଦ୍ଧାର କରିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାରୁ ଜଣାପଡ଼ିଛି, ଗାଡ଼ି ମାଲିକାନା ବଦଳ ପାଇଁ ରାଜେନ୍ଦ୍ରଙ୍କ ସହ ବିଶିକେଶନ ନାମକ ଜଣେ ଯୁବକ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରୁ ଫେରି ବ୍ରାହ୍ମଣୀ ନଦୀରେ ଗାଧୋଉଥିଲେ। ଏହି ସମୟରେ ରାଜେନ୍ଦ୍ର ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ।

# ସଡ଼କ ସୁରକ୍ଷା ନେଇ ସଚେତନତା

**ପରଜଙ୍ଗ,୧।୧୦(ଡି.ଏନ.ଏ.)**

ପରଜଙ୍ଗ ବ୍ଲକ ସରାଙ୍ଗ ଜଟିଆ ଛକ ନିକଟରେ ଅବସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପକ୍ଷରୁ ଶନିବାର ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ୧୨ ଓ ଏନ୍‌ସିସି ବାଟାଲିୟନ ଛାତ୍ରୀଛାତ୍ର ଓ ଅନୁଷ୍ଠାନର କର୍ମଚାରୀ ମିଳିତ ଭାବେ ବିଦ୍ୟାଳୟ ପରିସରରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରି ସଡ଼କ ସୁରକ୍ଷା ଉପରେ ବିଭିନ୍ନ ସ୍ଲୋଗାନ ଦେଇ ଜଟିଆ ଗ୍ରାମରେ ପହଞ୍ଚିଥିଲେ। ରାସ୍ତାରେ ସର୍ବଦା ନୀତିନିୟମ ମାନି ଗାଡ଼ି ଚଲାଇବା, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ନ କରିବା, ନିଶାସେବନ କରି ଗାଡ଼ି ନ ଚଳାଇବା, ହେଲମେଟ ବ୍ୟବହାର କରିବା ଆଦି ଉପରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏନ୍‌ସିସି ବାଟାଲିୟନ, ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।



ଏନ୍‌ସିସି ବାଟାଲିୟନ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ମଣ୍ଡି ବ୍ୟବସ୍ଥା କରିବାକୁ ଚାଷୀଙ୍କ ଦାବି

**ବନ୍ତଳା, ୧।୧୦ (ଡି.ଏନ.ଏ.)**

ଅନୁଗୋଳ ଜିଲା ଉଦ୍ୟାନ ବିଭାଗ ନେତୃତ୍ୱରେ ଶୁକ୍ରବାର ପୋକତୁଙ୍ଗା ରଣେଶ୍ୱର ଛକ ଭାଗବତ ମଣ୍ଡପରେ କଦଳୀ ଚାଷୀଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉଦ୍ୟାନ ବିଭାଗ କ୍ଷେତ୍ର ପରିଚାଳକ ଅମରିତ ଯଶୱାଲ,ଏମ୍‌.ଏସ୍‌.ପି. ସୁନୀଲ ପାଣିଗ୍ରାହୀ, ବନ୍ତଳା ଏସ୍‌ଡିଓ ହରିହର ସେଠୀ, ହରି ଦୀକ୍ଷିତ, ପ୍ରିୟଦର୍ଶୀ ସାମଲ, ଏ.ଏ.ଏଚ୍‌.ଓ ମନୋରଞ୍ଜନ ପଣ୍ଡା ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଚାଷୀମାନେ ଫସଲର ଉପଯୁକ୍ତ ଦର ନ ପାଇ କ୍ଷତି ସହୁଛନ୍ତି। ତେଣୁ ମଣ୍ଡି ବ୍ୟବସ୍ଥା କରିବା ପାଇଁ ଚାଷୀମାନେ ଦାବି କରିଥିଲେ। ଉପସ୍ଥିତ ଅଧିକାରୀମାନେ ସରକାରଙ୍କ ପକ୍ଷରୁ ଏକର ପିଛା ୪୦ ହଜାର ଟଙ୍କା ରିହାତି ଦେବା ସହିତ ଉଚିତ ଦରରେ ଫସଲ ବିକ୍ରି କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ ପ୍ରଥମ

### ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

**କାମାକ୍ଷାନଗର, ୧।୧୦ (ଡି.ଏନ.ଏ.)**

ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରଠାରେ ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କାମାକ୍ଷାନଗର ନିକଟ କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ଜୋନ୍‌ସ୍ତରକୁ ଉନ୍ନିତ ହୋଇଛି। ମଞ୍ଚସ୍ଥ ହୋଇଥିବା ୧୦ ଗୋଟି ନାଟକ ମଧ୍ୟରୁ ଉକ୍ତ ବିଦ୍ୟାଳୟର ନାଟକ ‘ଡ୍ରିମ୍ସ’ ବିଚାରକମାନଙ୍କୁ ଆକୃଷ୍ଟ କରିଥିଲା। ନାଟ୍ୟକାର ତଥା ନିର୍ଦ୍ଦେଶକ ଦିନେଶ ଦାସଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ମଞ୍ଚସ୍ଥ ନାଟକରେ ଅନିମେଶ ଲେଙ୍କା, କୁମାର ଅରୋସ୍ମିତ, ପ୍ରଦ୍ୟୁମ୍ନ ସାହୁ, ତାରିଣୀ ଶଙ୍କର ପଣ୍ଡା, ଦିଶା ଦିଗ୍‌ଦର୍ଶିନୀ ପାତ୍ର, ଲକ୍ଷ୍ମୀପ୍ରିୟା ବେହେରା, ଓଁକାରମୟୀ ପ୍ରିୟଦର୍ଶିନୀ ମହନ୍ତ ଓ ସିପ୍ରା ସାଗରିକା ପୃଷ୍ଟି ଅଭିନୟ କରିଥିଲେ। ଶ୍ରେଷ୍ଠ ନାଟକ ସହିତ ଶ୍ରେଷ୍ଠ ଲେଖକ ଓ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଦିନେଶ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ଚନ୍ଦ୍ରମଣି ଲେଙ୍କା, ଶିକ୍ଷିକା ରୋଜାଲିନ ପତି ଓ ଶିକ୍ଷା କର୍ମଚାରୀ ରବିନାରାୟଣ ରାଉତ ନାଟକରେ ସହାୟତା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଏହି ବିଦ୍ୟାଳୟ ଲଗାତର ୩ଥର ଜାତୀୟସ୍ତରକୁ ଉନ୍ନୀତ ହୋଇ ଭାରତର ବିଭିନ୍ନ ସ୍ଥାନରେ ବଳିଷ୍ଠ ବିଜ୍ଞାନ ନାଟକମାନ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛି। ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ, ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷା କର୍ମଚାରୀ ତଥା ଛାତ୍ରୀଛାତ୍ର ଏହି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ବିଜୟୀ ଟିମ୍‌କୁ ଅତିଥିମାନେ ଉତ୍ସାହିତ କରୁଛନ୍ତି।

## ଆଇନଗତ ସୁବିଧା ଉପରେ ଆଲୋକପାତ

**ଢେଙ୍କାନାଳ ଅଫିସ,୧।୧୦**

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ମିଶନଠାରେ ଶନିବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ପ୍ରାଧିକରଣର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏହି ଶିବିରରେ ସଚିବ ମମିତା ସାହୁ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ପାଇଁ ଉପଲବ୍ଧ ଆଇନଗତ ସୁବିଧା ବିଷୟରେ ଆଲୋକପାତ କରିବା ସହ ସେମାନଙ୍କ ସୁସ୍ଥ, ନିରାମୟ ଜୀବନ କାମନା କରିଥିଲେ। କୌଣସି ବରିଷ୍ଠ ନାଗରିକଙ୍କ ଅଧିକାର କ୍ଷୁର୍ଣ୍ଣ ହେଲେ ସେ ଜିଲା ଆଇନସେବା ପ୍ରାଧିକରଣର ସହାୟତା ନେଇପାରିବେ ବୋଲି ସଚିବ କହିଥିଲେ। ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ସମ୍ପାଦକ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ଆଇନସେବା ପ୍ରାଧିକରଣ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଉଛି।

# ଭାଇଚାରା ମଧ୍ୟରେ ପୂଜା ପାଳନ କର

**ଢେଙ୍କାନାଳ ଅଫିସ,୧।୧୦**

ଆସନ୍ତା ୯ ରୁ ୧୯ ତାରିଖ ପର୍ଯ୍ୟନ୍ତ ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ପାଳନ କରାଯିବ। ଏହି ଉପଲକ୍ଷେ ଶନିବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଏକ ମିଳିତ ବୈଠକ ବସିଥିଲା। ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳା ଓ ଭାଇଚାରା ମଧ୍ୟରେ ଅଧିକ ସରସ ସୁନ୍ଦର କରି ପାଳନ କରିବା ପାଇଁ ଜିଲାପାଳ ଜନସାଧାରଣଙ୍କ ସମେତ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଶିଶୁ, ବୃଦ୍ଧ ଓ ହୃଦ୍‌ରୋଗୀମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଭସାଣି ଉତ୍ସବରେ ଡିଜେ ସାଉଣ୍ଡ ବ୍ୟବହାର ନ କରି ପାରମ୍ପରିକ ବାଦ୍ୟଯନ୍ତ୍ର ବ୍ୟବହାର କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ତୋରଣ ନିର୍ମାଣ ସମୟରେ ଯେପରି କୌଣସି ଅଘଟଣ ନ ଘଟେ ସେଥିପ୍ରତି ଦୃଷ୍ଟି ଦେବା ସହ ବିଦ୍ୟୁତ୍ ସଂଯୋଗ ପ୍ରତି ବିଶେଷ ସତର୍କତା ଅବଲମ୍ବନ କରିବାକୁ ସମସ୍ତ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଡଙ୍ଗା ଦ୍ୱାରା ବ୍ରାହ୍ମଣୀ ନଦୀ ପାର ହୋଇ ପୂଜା ଦେଖିବାକୁ ଆସୁଥିବା ଯାତ୍ରୀମାନେ ସତର୍କ ରହିବା ପାଇଁ ପରାମର୍ଶ ଦେବା ସହ ଡଙ୍ଗାରେ ଯେପରି ଧାର୍ଯ୍ୟ କ୍ଷମତାଠାରୁ ଅଧିକ ଲୋକ ନ ଆସନ୍ତି ସେଥିପ୍ରତି ସମ୍ପୃକ୍ତ ବ୍ଲକର ବିଡିଓ ଓ ସ୍ଥାନୀୟ ଅଧିକାରୀମାନେ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ପାର୍ବଣ ସମୟରେ ଅଧିକ ସମୟ ପାନୀୟଜଳ ଯୋଗାଇ ଦେବାକୁ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଚଳିତବର୍ଷ ପୂଜା ଉତ୍ସବରେ ପ୍ରବଳ ଜନ ସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ ସହିତ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି ବୋଲି ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି ପ୍ରକାଶ କରିଥିଲେ। ଅଧିକ ଜନ ସମାଗମ ହେବାକୁ ଥିବାରୁ ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ପ୍ରାନ୍ତରେ ଯାନବାହାନ ନିମନ୍ତେ ପାର୍କିଂ ବ୍ୟବସ୍ଥା କରାଯାଉଛି ବୋଲି ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱନ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତି ଶଙ୍କର ସାହୁ, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏବଂ ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ।


ପ୍ରଶାସନ ଓ ପୋଲିସ ପକ୍ଷରୁ ପ୍ରସ୍ତୁତି ବୈଠକରେ ଅଧିକାରୀମାନେ।

### ଲକ୍ଷ୍ମୀପୂଜା ପାଇଁ ପ୍ରଶାସନ, ପୋଲିସର ପ୍ରସ୍ତୁତି

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

